# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**3 September - 2024**

## ସିଏମ୍-କିଷାନ

ମୁଖ୍ୟମନ୍ତ୍ରୀ କିଶାନ ଯୋଜନାରେ ରାଜ୍ୟର ଚାଷୀମାନଙ୍କୁ ନୂଆଖାଇ ଦିନ ପ୍ରଥମ କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ଲୋକସେବା ଭବନଠାରେ ଗତକାଲି ଡିଜିଟାଲ ଫସଲ ସର୍ବେକ୍ଷଣର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ ଡିଜିଟାଲ ପ୍ରଯୁକ୍ତି ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଆଗକୁ ବଢୁଛି । ଏହି ସର୍ବେକ୍ଷଣ ଆଧାରରେ ଚାଷୀମାନେ ସିଏମ୍-କିଶାନ ଏବଂ ରାଜ୍ୟସରକାରଙ୍କର ଅନ୍ୟ ଯୋଜନାର ଆର୍ଥିକ ସୁବିଧା ପାଇପାରିବେ । ଚାଷୀମାନଙ୍କର ସୁବିଧାଲାଗି ସିଏମ୍-କିଶାନ ପୋର୍ଟାଲ ବର୍ଷସାରା ଖୋଲାରହିବ । ସିଏମ୍-କିଶାନ ପୋର୍ଟାଲ ଜରିଆରେ ନୂଆ ଚାଷୀ ପଞ୍ଜିକରଣ ଏବଂ ଅନ୍ୟ ତଥ୍ୟ ଅପ୍‌ଡେଟ୍ କରାଯାଇପାରିବ ।

## ସମ୍ବଲପୁରରେ ଦ୍ୱିତୀୟ ଏମ୍ସ

ସମ୍ବଲପୁରଠାରେ ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ- ଏମ୍ସର ଦ୍ୱିତୀୟ କେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । କେନ୍ଦ୍ର

ସରକାରଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା ଚାଲିଛି ବୋଲି ବିଧାନସଭାରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି । ରାଜ୍ୟବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଓ ପର୍ଯ୍ୟାପ୍ତ ପରିମାଣର ଔଷଧ ଯୋଗାଇଦେବାପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି । ଶ୍ରୀ ମହାଲିଙ୍ଗ କହିଛନ୍ତି ରାଜ୍ୟର ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବ ।

## ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଖୁବ୍‌ଶୀଘ୍ର ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଆୟୁଷ୍ମାନ ଭାରତ ଯୋଜନା ପାଇଁ ରାଜ୍ୟ ସରକାର ଚଳିତ ବଜେଟ୍‌ରେ ୫୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ସେହିପରି ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଚଳିତ ଆର୍ଥିକ ବର୍ଷ ୩ହଜାର ୫୬କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

# ଶିକ୍ଷା ପୁରସ୍କାର

ଗୁରୁଦିବସ ଅବସରରେ ଆସନ୍ତା ଗୁରୁବାର ଦିନ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ଣ ୨ଟା ଯାଏଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶିକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିବେ । ରାଜ୍ୟର ୩୬୫ଜଣ ଶିକ୍ଷାର୍ଥୀଙ୍କୁ ଶିକ୍ଷା ପୁରସ୍କାର ପ୍ରଦାନ କରାଯିବ ।

ଏଥିପାଇଁ ମୋ ସ୍କୁଲ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି ।

# ସରକାରୀ ପଦବୀ ଖାଲି

ସରକାରୀ ତଥ୍ୟ ଅନୁସାରେ ରାଜ୍ୟରେ ମୋଟ୍ ୫ଲକ୍ଷ ୯୬ହଜାର ୬୪୭ଟି ମଞ୍ଜୁରୀପ୍ରାପ୍ତ ସରକାରୀ କର୍ମଚାରୀ ପଦବୀ ରହିଛି । ସେଥିମଧ୍ୟରୁ ବିଭିନ୍ନ ବିଭାଗରେ ୨ଲକ୍ଷ ୫ହଜାର ୨୨୮ଟି ପଦବୀ ଖାଲି ରହିଛି । ସର୍ବାଧିକ ୬୩ହଜାର ୪୬୫ ପଦବୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଖାଲି ପଡିଥିବା ଜଣାପଡିଛି ।

# ବାର୍ଡ ଫ୍ଲୁ

ରାଜ୍ୟରେ ବାର୍ଡ ଫ୍ଲୁ ସ୍ଥିତି ଯାଞ୍ଚ ପାଇଁ ଏକ କେନ୍ଦ୍ରୀୟ ଦଳ  ଓଡ଼ିଶା ଆସିବେ । ପୁରୀ ଜିଲ୍ଲାର ସତ୍ୟବାଦୀ, ପିପିଲି, ନିମାପଡା ଓ ଡେଲାଙ୍ଗ ବ୍ଲକର ୪ଟି ଗ୍ରାମରେ ବାର୍ଡ ଫ୍ଲୁ ବ୍ୟାପିଥିବା ସମ୍ବାଦ ହସ୍ତଗତ ହୋଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ବାର୍ଡ ଫ୍ଲୁର ନିୟନ୍ତ୍ରଣ ଓ ନିରାକରଣ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉଛି । ରୋଗ ସଂକ୍ରମଣ ରୋକିବା ପାଇଁ ୫୧ଟି ରାପିଡ୍ ରେସପନ୍ସ ଟିମ୍ ନିୟୋଜିତ ଅଛନ୍ତି ।

# ବି.ଜେ.ପି. ସଦସ୍ୟତା ଅଭିଯାନ

ରାଜ୍ୟରେ ଆଜିଠାରୁ ବିଜେପିର ସଦସ୍ୟତା ଅଭିଯାନ ଆରମ୍ଭ ହେବ । ଏହି ଅଭିଯାନରେ  ନୂତନ ସଭ୍ୟ ସଂଗ୍ରହ ସହିତ ସଦସ୍ୟମାନଙ୍କର ମଧ୍ୟ ପୁନଃନବୀକରଣ କାର୍ଯ୍ୟ ଚାଲିବ ବୋଲି ଦଳର ସଭାପତି ମନମୋହନ

ସାମଲ କହିଛନ୍ତି । ରାଜ୍ୟରେ ଦଳର ପ୍ରାୟ ୪୨ ଲକ୍ଷ ସଦସ୍ୟ ରହିଛନ୍ତି । ଦୁଇଟି ପର୍ଯ୍ୟାୟରେ ଚାଲିବାକୁ ଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ଚଳିତମାସ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅକ୍ଟୋବର ମାସ ୨ତାରିଖରୁ ୧୫ ତାରିଖ ମଧ୍ୟରେ ସଦସ୍ୟତା ଅଭିଯାନ ଚାଲିବ ବୋଲି ଶ୍ରୀ ସାମଲ କହିଛନ୍ତି।

# ପ୍ରତିଷ୍ଠା ଦିବସ ସମାରୋହ

ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧୀନସ୍ଥ ରାଜ୍ୟ ଭିନ୍ନକ୍ଷମ ସଶକ୍ତିକରଣ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ସମାରୋହ ଆଜି ଅନୁଷ୍ଠିତ ହେବ । ଭୁବନେଶ୍ୱର ପୋଖରୀପୁଟସ୍ଥିତ ମଧୁସୂଦନ ପାର୍କ ନିକଟରେ ଥିବା ରାଜ୍ୟ ଭିନ୍ନକ୍ଷମ ସଶସ୍ତିକରଣ ପ୍ରତିଷ୍ଠାନର ସମାରୋହରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ମୋବାଇଲ ସେବା

ରାଜ୍ୟର ୩ହଜାର ୫୧୦ଟି ଗ୍ରାମରେ ମୋବାଇଲ ନେଟୱର୍କ ସେବା ନଥିବା ବିଧାନସଭା ତଥ୍ୟରୁ ଜଣାପଡିଛି । କୋରାପୁଟ ଜିଲ୍ଲାର ୧ହଜାର ୬୨ଗ୍ରାମରେ ମୋବାଇଲ ସେବା ଉପଲବ୍ଧ ନାହିଁ । କେନ୍ଦ୍ର ସରକାରଙ୍କର ଦୂରସଞ୍ଚାର ବିଭାଗ ପକ୍ଷରୁ ଚଳିତବର୍ଷ ଡିସେମ୍ବର ମାସ ସୁଦ୍ଧା ମୋବାଇଲ ନେଟୱର୍କ ନଥିବା ଗ୍ରାମ ଗୁଡ଼ିକରେ ସେବା ଉପଲବ୍ଧ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

## ପୁରୀ - ସପ୍ତପୁରୀ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ସପ୍ତପୁରୀ ଅମାବାସ୍ୟା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ପାଳନ କରାଯାଇଥାଏ । ଅମାବାସ୍ୟା ତିଥିରେ ଆଜି ଶ୍ରୀଜଗନ୍ନାଥଙ୍କ ଠାରେ ସପ୍ତପୁରୀ ଭୋଗ ଲାଗିଥାଏ । ଏହି ଭୋଗକୁ ମା’ ଦକ୍ଷିଣକାଳୀ ମହାପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ କରିଥାନ୍ତି ବୋଲି ବିଶ୍ୱାସ ରହିଛି । ପରମ୍ପରା ଅନୁସାରେ ଗତକାଲି କୁମ୍ଭାରପଡ଼ା ନିକଟରେ ଥିବା ମା’ ଆଲାମଚଣ୍ଡୀ ମନ୍ଦିରରୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଚାରି ଗୋଟି ମାଟିର ତାଡ଼ ଶ୍ରୀମନ୍ଦିରକୁ ବିଜେ କରାଯାଇଛି ।

## ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ଗୁରୁବାର ଦିନ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହାର ପ୍ରଭାବରେ ଦକ୍ଷିଣ, ଉପକୂଳ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।